# NATIONAL NEWS BULLETIN (ODIA)

**8 August - 2024**

**Mid-Day : 1.50 p.m.**

---

# ମୁଖ୍ୟ ସମ୍ବାଦ

- ନ୍ୟୁଜିଲାଣ୍ଡ ଗସ୍ତ ଅବସରରେ ଆଜି ସେଠାକାର ପ୍ରଧାନମନ୍ତ୍ରୀ ଓ ଉପ ପ୍ରଧାନମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ରେପୋରେଟ୍ ପୂର୍ବଭଳି ୬ ଦଶମିକ ୨/୫ ପ୍ରତିଶତ ରହିଥିବା ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାଶଙ୍କ ସୂଚନା ।

- ଲୋକସଭାରେ ଆଗତ ହେଲା ୱାକଫ୍ ସଂଶୋଧନ ଅଧିନିୟମ ୨୦୨୪ ।

- ପ୍ୟାରିସ୍ ଅଲମ୍ପିକ୍ସରେ ଯୋଗ୍ୟତା ହରାଇବା ପରେ କୁସ୍ତିଯୋଦ୍ଧାରୁ ସନ୍ୟାସ ନେଲେ ବିନେଶ ଫୋଗଟ ।

ଏବଂ

- ୩୩ଟି ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ଘୋଷଣା କଲେ କେନ୍ଦ୍ର ସରକାର ।

# ରାଷ୍ଟ୍ରପତି-ନ୍ୟୁଜିଲାଣ୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନ୍ୟୁଜିଲାଣ୍ଡର ରାଜଧାନୀ ୱେଲିଂଟନ୍‌ରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଏହି ଅବସରରେ ନ୍ୟୁଜିଲାଣ୍ଡ ଗଭର୍ଣ୍ଣର ଜେନେରାଲ ସିଣ୍ଡି କ୍ୟୁରୋ, ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ୍, ଲୋକସଭା ସାଂସଦ ଯୁଗଳ କିଶୋର ଶର୍ମା ଏବଂ ସୌମିତ୍ର ଖାନ୍ ଉପସ୍ଥିତ ଥିଲେ । ପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସେଠାକାର ଜାତୀୟ ଯୁଦ୍ଧ ସ୍ମାରକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ରାଷ୍ଟ୍ରପତି ମୁର୍ମୁ ଆଜି ସକାଳେ ଦୁଇ ଦିବସୀୟ ଗସ୍ତରେ ନ୍ୟୁଜିଲାଣ୍ଡ ରାଜଧାରୀ ୱେଲିଙ୍ଗ୍‌ଟନ୍‌ରେ ପହଞ୍ଚିଥିଲେ । ନ୍ୟୁଜିଲାଣ୍ଡର ଗଭର୍ଣ୍ଣର ଜେନେରାଲ୍ ସିଣ୍ଡି କିରୋଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ମୁର୍ମୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ମାଓରୀ ସଂସ୍କୃତି ପ୍ରଦର୍ଶନ କରାଯାଇଥିଲା ।

ଆଜି ନ୍ୟୁଜିଲାଣ୍ଡ୍‌ର ରାଜଧାନୀ ୱେଲିଙ୍ଗ୍‌ଟନ୍‌ଠାରେ ଆନ୍ତର୍ଜାତିକ ଶିକ୍ଷା ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ରାଷ୍ଟ୍ର ନିର୍ମାଣ ଏବଂ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ କାର୍ଯ୍ୟ କରିଥାଏ । ସେ କହିଛନ୍ତି ଭାରତ ସରକାର ଦେଶରେ ଶିକ୍ଷା ଗୁଣବତ୍ତା ବୃଦ୍ଧି ନିମନ୍ତେ ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଏହି ଅବସରରେ ଆଜି ରାଷ୍ଟ୍ରପତି ମୁର୍ମୁ ନ୍ୟୁଜିଲାଣ୍ଡର ଗଭର୍ଣ୍ଣର ଜେନେରାଲ୍‌ଙ୍କ ସମେତ ପ୍ରଧାନମନ୍ତ୍ରୀ କ୍ରୀଷ୍ଟୋଫର ଲକ୍ସନ୍ ଏବଂ

ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଓ୍ୱିଷ୍ଟନ୍ ପିଟର୍ସଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ରାଜ୍ୟସଭା-ଅପୋଜିସନ

ପ୍ୟାରିସ୍ ଅଲମ୍ପିକ୍ସରେ ଭାରତୀୟ ମହିଳା କୁସ୍ତିଯୋଦ୍ଧା ବିନେଶ ଫୋଗତଙ୍କୁ ଅଯୋଗ୍ୟ ଘୋଷିତ କରିବା ଘଟଣାରେ ରାଜ୍ୟସଭାରେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଛନ୍ତି । ଆଜି ରାଜ୍ୟସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ ବିରୋଧୀ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡଗେ ଏହି ପ୍ରସଙ୍ଗ ଉତ୍‌ଥାପନ କରିବାକୁ ଚେଷ୍ଟା କରିଥିଲେ । ତେବେ ଗୃହର ଅଧ୍ୟକ୍ଷ ଜଗଦୀପ ଧନଖଡ ଏହାକୁ ଗ୍ରହଣ କରିନଥିଲେ । ପରେ କଂଗ୍ରେସ, ତୃଣମୂଳ କଂଗ୍ରେସ, ଡିଏମ୍‌କେ, ରାଷ୍ଟ୍ରୀୟ ଜନତା ଦଳ ଏବଂ ଅନ୍ୟ କେତେକ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ । ଅଧ୍ୟକ୍ଷ ଜଗଦୀପ ଧନଖଡ ଟିଏମ୍‌ସି ସଦସ୍ୟ ଡେରେକ ଓ୍ୱବ୍ରାଇନ୍‌ଙ୍କ ସମେତ ବିରୋଧୀ ସଦସ୍ୟମାନଙ୍କ ଆଚରଣକୁ ନିନ୍ଦା କରିଥିଲେ । ଶ୍ରୀ ଧନଖଡ ଟିମ୍‌ସି ସଦସ୍ୟ ଓ୍ୱବ୍ରାଇନ୍‌ଙ୍କୁ ଚେତାବନୀ ଦେଇଥିଲେ । ସେ କହିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସେ ନିଜେ ବିନେଶ ଫୋଗତଙ୍କୁ ଅଯୋଗ୍ୟ ଘୋଷଣା କରିବା ଘଟଣାରେ ଦୁଃଖପ୍ରକାଶ କରିଛନ୍ତି । ଏହି ମାମଲାକୁ ନେଇ ରାଜନୀତି କରିବା କୁସ୍ତିଯୋଦ୍ଧା କ୍ରୀଡ଼ାର

ଅପମାନ ବୋଲି ସେ କହିଛନ୍ତି । ଶ୍ରୀ ଧନଖଡ କହିଛନ୍ତି ଜଣେ ପଦକ ବିଜେତାଙ୍କୁ ଯେଉଁ ସମ୍ମାନ ଦିଆଯାଏ ହରିୟାଣା ସରକାର ଭିନେଶ ଫୋଗତଙ୍କୁ ସେହି ସମ୍ମାନ ପ୍ରଦାନ କରିବେ ।  ରାଜ୍ୟସଭାରେ କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା ବିରୋଧୀ ମାନଙ୍କ ଏତାଦୃଶ୍ୟ ଆଚରଣକୁ ମଧ୍ୟ ନିନ୍ଦା କରିଛନ୍ତି । ସେ କହିଛନ୍ତି ସାରା ଦେଶ ବିନେଶ ଫୋଗତଙ୍କ ସହ ଅଛନ୍ତି ।

## ଆର୍‌ବିଆଇ-ମନିଟାରୀ ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ଭାବେ ନବମଥର ଲାଗି ରେପୋରେଟ୍ ଅପରିବର୍ତ୍ତିତ ରଖିଛି । ପୂର୍ବଭଳି ରେପୋରେଟ୍ ୬ ଦଶମିକ ୨୫ ପ୍ରତିଶତ ରହିଥିବା ରିଜର୍ଭ ବ୍ୟାଙ୍କ ଘୋଷଣା କରିଛି । ଏଥିସହିତ ଏମ୍.ଏସ୍.ଏଫ୍ ଦର ଏବଂ ବ୍ୟାଙ୍କରେ ୬ ଦଶମିକ ୭/୫ ପ୍ରତିଶତ ରହିଛି । ଚଳିତ ଆର୍ଥିକ ବର୍ଷର ତୃତୀୟ ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରିବା ଅବସରରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାଶ କହିଛନ୍ତି ମୁଦ୍ରାନୀତି କମିଟି ରେପୋରେଟ୍ ଅପରିବର୍ତ୍ତିତ ରଖିବା ଲାଗି ନିଷ୍ପତ୍ତି ନେଇଛନ୍ତି । ତେବେ ସ୍ଥାୟୀ ଜମା ସୁବିଧା-ଏସ୍.ଡି.ଏଫ୍ ରେଟ୍ ୬ ଦଶମିକ ୨/୫ ଏବଂ ସୀମାନ୍ତ ସ୍ଥାୟୀ ସୁବିଧା ଏମ୍.ଏଫ୍.ଏଫ୍ ଦର ଓ ବ୍ୟାଙ୍କରେଟ୍ ୬ ଦଶମିକ ୭/୫ ପ୍ରତିଶତ ରହିଛି । ଶ୍ରୀ ଦାଶ କହିଛନ୍ତି ମୁଦ୍ରାନୀତି କମିଟିର ୬ଜଣ ସଦସ୍ୟଙ୍କ ମଧ୍ୟରୁ ୪ଜଣ ସଦସ୍ୟ ଏହି ନୀତିଗତ ପ୍ରସ୍ତାବକୁ ସମର୍ଥନ କରିଥିଲେ । ସୂଚନାଯୋଗ୍ୟ ଆଜିକୁ ମିଶାଇ ଗତ ୨ଦିନ ହେବ ମୁଦ୍ରାନୀତି କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା ।

ଆସନ୍ତା ଅକ୍ଟୋବର ୭ରୁ ୯ ତାରିଖ ମୁଦ୍ରାନୀତି କମିଟିର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ । ସେ କହିଛନ୍ତି...

## V/o-

## ଲୋକସଭା ଜଲ ଜୀବନ ମିଶନ

ଦେଶର ଗ୍ରାମାଞ୍ଚଳରେ ୭୭ ପ୍ରତିଶତ ପରିବାରକୁ ଜଳ ଜୀବନ ମିଶନ ଅଭିଯାନରେ ପାଇପ୍ ଯୋଗେ ପାନୀୟ ଜଳ ଉପଲବ୍ଧ କରାଯାଇଛି । ଆଜି ଲୋକସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲ କହିଛନ୍ତି ନରେନ୍ଦ୍ର ମୋଦୀଙ୍କ ସରକାର ୨୦୧୯ ମସିହାରେ ଏହି ଯୋଜନା ଆରମ୍ଭ କରିଥିଲେ ଏବଂ ଏପର୍ଯ୍ୟନ୍ତ ୧୫କୋଟି ପରିବାରକୁ ପାଇପ୍‌ଯୋଗେ ପାନୀୟଜଳ ଯୋଗାଇ ଦିଆଯାଇଛି । ସେ କହିଛନ୍ତି ଏକ ସର୍ଭେ ଅନୁଯାୟୀ ସ୍ୱଚ୍ଛ ଏବଂ ପାନୀୟ ଯୋଗ୍ୟ ଜଳ ବ୍ୟବହାର ଫଳରେ କେତେକଗୁଡ଼ିଏ ରୋଗରୁ ରକ୍ଷା ମିଳିପାରିବ । ଏହି ଆଧାରରେ ସରକାରଙ୍କ ପକ୍ଷରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦେବା ଫଳରେ ୮ଲକ୍ଷ କୋଟିରୁ ଅଧିକ ଟଙ୍କା ସଞ୍ଚୟ କରାଯାଇ ପାରିଛି ବୋଲି ବିଭାଗୀୟ ମନ୍ତ୍ରୀ ଲୋକସଭାରେ ସୂଚନା ଦେଇଛନ୍ତି ।

# ଲୋକସଭା-ୱାକ୍‌ଅଫ୍ ବିଲ୍

ଲୋକସଭା ସଂଶୋଧନ ଅଧିନିୟମ ୨୦୨୪ ଆଜି ଲୋକସଭାରେ ଆଗତ କରାଯାଇଛି । କେନ୍ଦ୍ର ସଂଖ୍ୟାଲଘୁ ମନ୍ତ୍ରୀ କିରନ ରିଜିଜୁ ଏହି ବିଧେୟକ ଆଗତ କରିଛନ୍ତି । ୱାକ୍‌ଅଫ୍ ଅଧିନିୟମ ୧୯୯୫ରେ କେତେକ ସଂଶୋଧନ ସମ୍ପର୍କିତ ଏହି ଅଧିନିୟମ ଆଗତ କରାଯାଇଛି । ଏଥିରେ ଜମି ପଞ୍ଜିକରଣ ଏବଂ ସର୍ବେକ୍ଷଣ ସମ୍ପର୍କିତ ମାମଲା ଗୁଡ଼ିକ ନେଇ ରାଜ୍ୟସ୍ତରରେ ୱାକ୍‌ଅଫ୍ ବୋର୍ଡ ଗୁଡ଼ିକର ଅଧିକାର ସମ୍ପର୍କରେ ସଂଶୋଧନ କରାଯାଇଛି ।

ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ କହିଛନ୍ତି ଏହି ବିଧେୟକ ଦ୍ୱାରା ଯେଉଁମାନେ ପ୍ରଭାବିତ ହେବେ ସେମାନେ ସେହି ସଂସ୍ଥାଗୁଡ଼ିକ ସହ ସରକାର ଆଲୋଚନା କରିବା ଆବଶ୍ୟକ । ସେ କହିଛନ୍ତି ଏ କ୍ଷେତ୍ରରେ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକି ଅନ୍ୟ ସଭ୍ୟମାନଙ୍କ ପ୍ରସ୍ତାବ ଗ୍ରହଣ କରିବା ଉଚିତ୍ । ସମାଜବାଦୀ ପାର୍ଟି ସାଂସଦ ରାଜୀବ କୁମାର ରାୟ କହିଛନ୍ତି ତାଙ୍କ ଦଳ ଏହି ସଂଶୋଧନ ବିଧେୟକକୁ ବିରୋଧ କରିବ ।

ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି-ଶରଦ ପାୱାର ଗୋଷ୍ଠୀର ସୁପ୍ରିୟା ସୋଲେ କହିଛନ୍ତି ଏହି ବିଲ୍‌ରେ ଥିବା ବିଭିନ୍ନ ତ୍ରୁଟିକୁ ସୁଧାରିବା ଲାଗି ଏହାକୁ ସ୍ଥାୟୀ ସମିତିକୁ ପଠାଯିବା ଉଚିତ୍ । ବିଜେପି ପକ୍ଷରୁ କୁହାଯାଇଛି ଏହି ବିଧେୟକ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ନ୍ୟାୟଦେବା ଉଦ୍ଦେଶ୍ୟରେ ଉପସ୍ଥାପନ

କରାଯାଇଛି । ସଂଖ୍ୟାଲଘୁ ଗରିବ ଶ୍ରେଣୀର ଲୋକମାନଙ୍କ ପକ୍ଷରୁ ସେମାନଙ୍କ ସମ୍ପତ୍ତି ୱାକ୍‌ଅଫ୍ ବୋର୍ଡ ଅକ୍ତିଆର କରିନେଉଥିବା ଅଭିଯୋଗ ହୋଇଆସୁଥିଲା । ସଂସଦ ବାହାରେ ବିଜେପି ସାଂସଦ ସଞ୍ଜୟ ଜୟସ୍ୱାଲ କହିଛନ୍ତି କଂଗ୍ରେସ ୱାକ୍‌ଅଫ୍ ବୋର୍ଡ ଆଇନ୍ ଜରିଆରେ ଗରିବ ସଂଖ୍ୟାଲଘୁମାନଙ୍କୁ ହଇରାଣ କରିବା ଲାଗି ଅନୁମତି ଦେଇଥିଲା ।

## ପାର୍ଲ୍ୟାମେଣ୍ଟ-ଅପୋଜିସନ

ସଂସଦରେ ଆଜି ଆଳୁ ଏବଂ ପିଆଜର ଦର ବୃଦ୍ଧି ନେଇ ବିରୋଧୀ ଦଳଗୁଡ଼ିକ ସଂସଦ ବାହାରେ ବିରୋଧ ପ୍ରଦର୍ଶନ କରିଛନ୍ତି । ବିରୋଧୀଦଳ ନେତାମାନେ କୃଷକଙ୍କୁ ସେମାନଙ୍କ ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରିବା ଲାଗି କହିଛନ୍ତି । ଶିବସେନା ଉଦ୍ଧବ ବାଲଠାକ୍‌ରେର ସାଂସଦ ପ୍ରିୟଙ୍କା ଚର୍ତୁବେଦୀ, ତୃଣମୂଳ କଂଗ୍ରେସ ସାଂସଦ ଡେରେକ୍ ଓବ୍ରାଏନ୍, ରାଷ୍ଟ୍ରୀୟ ଜନତା ଦଳ ସାଂସଦ ମନୋଜ କୁମାର ଝା, କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ ଏବଂ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ଶରଦ ପାୱାରର ସାଂସଦ ସୁପ୍ରିୟା ସୁଲେଙ୍କ ସମେତ ଅନ୍ୟ ସାଂସଦମାନେ ଏହି ବିରୋଧ ପ୍ରଦର୍ଶନରେ ସାମିଲ ହୋଇଥିଲେ ।

# ପଶ୍ଚିମବଙ୍ଗ-ଫର୍ମର ସିଏମ୍ ଡେଥ୍

ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ପରଲୋକ ଘଟିଛି । ଆଜି ସକାଳେ ୮୦ ବର୍ଷ ବୟସରେ ତାଙ୍କ କୋଲକାତାସ୍ଥିତ 'ପାମ୍ ଆଭେନ୍ୟୁ' ବାସଭବନରେ ପରଲୋକ ଘଟିଥିବା ଜଣାପଡିଛି । ଶ୍ରୀ ଭଟ୍ଟାଚାର୍ଯ୍ୟ ଶ୍ୱାସକ୍ରିୟାଜନିତ ରୋଗରେ ପୀଡିତ ଥିଲେ । ତାଙ୍କୁ ଅନେକଥର ଚିକିତ୍ସା ନିମନ୍ତେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

ସି.ପି.ଏମ୍ ର ଜଣେ ପ୍ରମୁଖ ସଦସ୍ୟ ଭାବେ ଶ୍ରୀ ଭଟ୍ଟାଚାର୍ଯ୍ୟ ୨୦୦୦ରୁ ୨୦୧୧ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ନିଜ ରାଜନୈତିକ ଜୀବନ ଆରମ୍ଭରେ ଶ୍ରୀ ଭଟ୍ଟାଚାର୍ଯ୍ୟ ଜଣେ ସ୍କୁଲ ଶିକ୍ଷକ ଥିଲେ ଏବଂ ପରେ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରି ବିଧାୟକରୁ ଉପମୁଖ୍ୟମନ୍ତ୍ରୀ ଓ ପରେ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ତାଙ୍କ ନିଧନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକପ୍ରକାଶ କରିଛନ୍ତି । ସମାଜିକ ଗଣମାଧ୍ୟମ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଶ୍ରୀ ଭଟ୍ଟାଚାର୍ଯ୍ୟ ଜଣେ ଆଗଧାଡିର ରାଜନୈତିକ ନେତା ଥିଲେ, ଯିଏ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିଥିଲେ । ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି.ଆନନ୍ଦବୋଷ ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପ୍ରେମା ଖାଣ୍ଡୁ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀବନ

ପଟ୍ଟନାୟକ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ମଧ୍ୟ ତାଙ୍କ ନିଧନରେ ଗଭୀର ଶୋକପ୍ରକାଶ କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନିଧନ ଯୋଗୁଁ ପଶ୍ଚିମବଙ୍ଗ ସରକାର ତାଙ୍କ ସମ୍ମାନାର୍ଥେ ଆଜି ଛୁଟି ଘୋଷଣା କରିଛନ୍ତି ।

## ଫୋଗଟ୍ - ରିଟାୟାର୍‌ମେଣ୍ଟ

ସାମାନ୍ୟ ଓଜନ ବୃଦ୍ଧି ଯୋଗୁଁ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରୁ ବାଦ୍ ପଡ଼ିଥିବା ଭାରତୀୟ ମହିଳା କୁସ୍ତିଯୋଦ୍ଧ ବିନେଶ ଫୋଗାଟ୍ କୁସ୍ତିଯୋଦ୍ଧାରୁ ସନ୍ନ୍ୟାସ ନେଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ତାଙ୍କ ଅବସର ନେବା ବିଷୟ ଘୋଷଣା କରିଛନ୍ତି । ଗତକାଲି ୧୦୦ ଗ୍ରାମ୍ ଓଜନ ବୃଦ୍ଧି ଯୋଗୁଁ ଫୋଗାଟ୍‌ଙ୍କୁ ୫୦ କିଲୋଗ୍ରାମ୍ ମହିଳା କୁସ୍ତିଯୋଦ୍ଧା ପ୍ରତିଯୋଗିତାରୁ ବାଦ୍ ଦିଆଯାଇଥିଲା ।

## ପ୍ୟାରିସ୍ ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସରେ ଆଜି ବିଶ୍ୱ ଚାମ୍ପିୟାନ୍ ନିରଜ ଚୋପ୍ରା ଜାଭେଲିନ୍ ଥ୍ରୋ'ରେ ପ୍ରଦର୍ଶନ କରିବେ । ସେହିପରି ଭାରତୀୟ ପୁରୁଷ ହକି ଟିମ୍ ବ୍ରୋଞ୍ଜ୍ ପଦକ ପାଇଁ ସ୍ପେନ୍ ସହ ମ୍ୟାଚ୍ ଖେଳିବ । କୁସ୍ତିରେ ଆଜି ଅପରାହ୍ଣରେ ୫୭ କିଲୋଗ୍ରାମ୍ ବର୍ଗରେ ପୁରୁଷ କୁସ୍ତିଯୋଦ୍ଧା ଅମନ୍ ସହରାୱତ୍ ଫ୍ରିଷ୍ଟାଇଲ୍ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ମହିଳା କୁସ୍ତିଯୋଦ୍ଧା ଅଂଶୁ ୫୭ କିଲୋଗ୍ରାମ୍ ଫ୍ରିଷ୍ଟାଇଲ୍ ପର୍ଯ୍ୟାୟରେ ମଧ୍ୟ ପଡ଼ିଆକୁ ଓହ୍ଲାଇବେ ।

ଗତକାଲି ଭାରତୀୟ ମହିଳା କୁସ୍ତିଯୋଦ୍ଧା ବିନେଶ ଫୋଗାଟ୍ ୫୦ କିଲୋଗ୍ରାମ୍ ବର୍ଗରେ ସାମାନ୍ୟ ଓଜନ ବୃଦ୍ଧି ହେତୁ ବାଦ୍ ପଡ଼ିବା ପରେ ଏହି ନିଷ୍ପତ୍ତି ବିରୋଧରେ ଅପିଲ୍ କରିଛନ୍ତି । ସେ ରୌପ୍ୟ ପଦକ ପାଇଁ ଦାବି କରିଛନ୍ତି । ଭାରତୀୟ କ୍ରୀଡ଼ାବିତ୍ ଏସ୍. ମୀରାବାଈ ଚାନୁ ୪୯ କିଲୋଗ୍ରାମ୍ ବର୍ଗରେ ଚତୁର୍ଥ ସ୍ଥାନରେ ରହିଛନ୍ତି । ଟୋକିଓ ୨୦୨୦ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ମୀରାବାଈ ଚାନୁ ଗତକାଲିର ପ୍ରତିଯୋଗିତାରେ ଅସଫଳ ହୋଇଛନ୍ତି । ସେ ୧୯୯ କିଲୋଗ୍ରାମ୍ ଓଜନ ଉଠାଇବାକୁ ସକ୍ଷମ ହୋଇଥିଲେ । ଏସୀୟ ଚାମ୍ପିୟନସିପ୍ ୨୦୨୦ରେ ମୀରାବାଈ ଚାନୁ ୨୦୫ କିଲୋଗ୍ରାମ୍ ଓଜନ ଉଠାଇଥିଲେ ।

ଅନ୍ୟପକ୍ଷରେ ଭାରତର ଶ୍ରେଷ୍ଠ ଧାବକ ଅବିନାଶ ସାଓ୍ୱଲେ ୩ ହଜାର ମିଟର ପୁରୁଷ ଷ୍ଟେପଲ୍ ଚେଜ୍‌ରେ ଏକାଦଶ ସ୍ଥାନରେ ରହିଥିଲେ । ମରକୋର କେ. ସୋଫିଆନ୍ ୮ ମିନିଟ୍ ୬ ଦଶମିକ ୦/୫ ସେକେଣ୍ଡ୍‌ରେ ବିଜୟୀ ହୋଇଛନ୍ତି ।

## ନ୍ୟାସନାଲ୍ ସାଇନ୍ସ ଆଓ୍ୱାର୍ଡ଼

କେନ୍ଦ୍ର ସରକାର ୩୩ଟି ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ଘୋଷଣା କରିଛନ୍ତି । ବିଜ୍ଞାନ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ସୂଚନା ଅନୁଯାୟୀ, ଇସ୍ରୋ ଚନ୍ଦ୍ରଯାନ-୩କୁ ମହାକାଶ ବିଜ୍ଞାନ ନିମନ୍ତେ ଏହି ପୁରସ୍କାର ଦିଆଯିବ । ଭାରତୀୟ ବିଜ୍ଞାନ ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଜି. ପଦ୍ମନାଭନ୍‌ଙ୍କୁ ଜୈବିକ

ବିଜ୍ଞାନ କ୍ଷେତ୍ରରେ 'ବିଜ୍ଞାନ ରତ୍ନ' ପୁରସ୍କାର ଦିଆଯିବାପାଇଁ ଚୟନ କରାଯାଇଛି । ସେହିପରି 'ବିଜ୍ଞାନଶ୍ରୀ' ପୁରସ୍କାର ପାଇଁ ଆନନ୍ଦ ରାମକୃଷ୍ଣନ୍ ସି., ଉମେଶ ବୈଷ୍ଣୋ, ଭୀମସିଂହ, ଆଦିମୂର୍ତ୍ତି ଆଦି, ଶୈୟଦ୍ ୱାଜ୍ ଅହମ୍ମଦ ନକ୍‌ବୀ, ସଞ୍ଜୀୟ ବିହାରୀ ଏବଂ ରାହୁଲ୍ ମୁଖାର୍ଜୀଙ୍କୁ ମନୋନୀତ କରାଯାଇଛି । 'ବିଜ୍ଞାନ ଯୁବ ପୁରସ୍କାର' ପାଇଁ ଡକ୍ଟର ବାପି ପାଲ୍, ଡକ୍ଟର ଅଭିଲାଷ, ରାଧାକୃଷ୍ଣନ୍, ମହାଲକ୍ଷ୍ମୀ, ପୂର୍ବୀ ସୌଫିଆ, ଜିଗେନ୍ଦ୍ରନାଥ ସେନ୍, ପ୍ରଭୁ ରାଜଗୋପାଳ ଏବଂ ପ୍ରଶାନ୍ତ କୁମାର ମନୋନୀତ ହୋଇଛନ୍ତି । ଆସନ୍ତା ୨୩ ତାରିଖରେ ରାଷ୍ଟ୍ରୀୟ ମହାକାଶ ଦିବସ ଅବସରରେ ଆୟୋଜିତ ହେବାକୁ ଥିବା ସମାରୋହରେ ଏହି ପୁରସ୍କାରଗୁଡ଼ିକ ପ୍ରଦାନ କରାଯିବ ।